# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**15 September – 2026**

**********************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱର ଇଡ୍‌କୋ ଇନ୍‌ଫୋଭ୍ୟାଲି-ଟୁ'ରେ ନିର୍ମାଣ ହେବ ରାଜ୍ୟର ଦ୍ୱିତୀୟ ସେମିକଣ୍ଡକ୍ଟର ୟୁନିଟ୍
- ଦେଶବ୍ୟାପୀ ଆସନ୍ତା ଗୁରୁବାରଠାରୁ ଆରମ୍ଭ ହେବ ସେବା ସଂକଳ୍ପ ଅଭିଯାନ

  - ଏଥିରେ ଜଳ, ଜନ ଓ ସେବାକୁ ଗୁରୁତ୍ୱ ଦିଆଯିବ କହିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

- ଗ୍ରାମୀଣ ପରିବାର ମଧ୍ୟରେ ସାମାଜିକ ସୁରକ୍ଷାକୁ ସୁଦୃଢ କରିବା ପାଇଁ ଚୁକ୍ତିନାମା ସ୍ୱାକ୍ଷର

ଏବଂ

- ରାଜ୍ୟରୁ ଆସନ୍ତା ଚାରିଦିନ ମଧ୍ୟରେ ଆରମ୍ଭ ହେବ ମୌସୁମୀବାୟୁ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା

## ସେମିକଣ୍ଡକ୍ଟର

'ୟୁନିଟ୍ ଅନୁମୋଦନ କମିଟି-ୟୁ.ଏ.ସି.'ର ୨୧୭ତମ ବୈଠକରେ ଭୁବନେଶ୍ୱର ସ୍ଥିତ ଇଡ୍‌କୋ ଇନଫୋଭ୍ୟାଲି-ଟୁ ରେ ରାଜ୍ୟର ଦ୍ୱିତୀୟ ସେମିକଣ୍ଡକ୍ଟର ୟୁନିଟ୍ ପାଇଁ  ଅନୁମୋଦନ ମିଳିଛି । ପ୍ରସ୍ତାବିତ ୨୧ଏକରରୁ ଊର୍ଦ୍ଧ୍ୱ ପରିମିତ ଜମିରେ ଉନ୍ନତ ସେମିକଣ୍ଡକ୍ଟର ଉତ୍ପାଦନ ହେବା ସହ ଏହି ପ୍ରକଳ୍ପରେ ୩ହଜାର ୪୦୬କୋଟି ଟଙ୍କା ନିବେଶ ହେବାର ପ୍ରସ୍ତାବ ରହିଛି । ଏହା ଦ୍ୱାରା ପ୍ରାୟ ୧୨୭୦ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ପ୍ରକଳ୍ପ ମାଧ୍ୟମରେ  ଆଗାମୀ ୫ବର୍ଷ ମଧ୍ୟରେ ୭ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ରପ୍ତାନୀ କାରବାର ସୃଷ୍ଟି କରିବାର ଆଶା କରାଯାଉଛି । ଏହି ସମୟ ମଧ୍ୟରେ ପ୍ରକଳ୍ପ ଦ୍ୱାରା  ପ୍ରାୟ ୪ହଜାର ୫୨୩କୋଟି ଟଙ୍କାର  ବୈଦେଶିକ ମୁଦ୍ରା ହାସଲ କରିବ ବୋଲି ଆକଳନ କରାଯାଇଛି ।

## ସେବା ସଂକଳ୍ପ ଅଭିଯାନ

ଦେଶବ୍ୟାପୀ ଆସନ୍ତା ଗୁରୁବାରଠାରୁ ମାସେ ବ୍ୟାପୀ ସେବା ସଂକଳ୍ପ ଅଭିଯାନ' ଆରମ୍ଭ ହେବାକୁ ଯାଉଛି । ଏହି ଅଭିଯାନ ଅଧୀନରେ ଭୁବନେଶ୍ୱର ବିଜେପି ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ବାରାଣାସୀ ଗସ୍ତ କରିବେ । ରାଜ୍ୟର ବିଭିନ୍ନ ଜିଲ୍ଲାର ଯୁବଶକ୍ତିମାନେ ଏହି ୨୫ଦିନିଆ କାର୍ଯ୍ୟକ୍ରମରେ ବାଡନଗର ଅଭିମୁଖେ ଯାତ୍ରା କରିବେ । ବିକଶିତ ଭାରତର

ସଂକଳ୍ପ, ନୂତନ ଆଶା, ଉଦ୍ଦୀପନାର ମୁଖସାକ୍ଷୀ ଯୁବବର୍ଗ ବୋଲି ଏହି ସେବା ସଂକଳ୍ପ ଯାତ୍ରାକୁ ଉଦ୍‌ଘାଟନ କରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି ।

**- V/O -**

ଏହି ଯାତ୍ରାରେ ଜଳ, ଜନ ଓ ସେବାକୁ ଗୁରୁତ୍ୱ ଦିଆଯାଇଛି । ସେବା ସଂକଳ୍ପ ଅଭିଯାନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆର୍ଶୀବାଦର ଦୀପ ଜାଳିବାକୁ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

Malkangiri/

## ସେବା ସଂକଳ୍ପ ଅଭିଯାନ

ସେବା ସଂକଳ୍ପ ଅଭିଯାନ ଅବସରରେ ମାଲକାନଗିରି ଜିଲ୍ଲାରେ ଏହାକୁ ଜନସେବା ଓ ଜନ ଭାଗିଦାରୀ ମାଧ୍ୟମରେ ସାମାଜିକ ଦାୟିତ୍ୱଭାବେ ପାଳନ କରାଯିବ । ଏଥିରେ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ସାମିଲ କରାଯିବା ନେଇ ସ୍ଥାନୀୟ ସର୍କିଟ ହାଉସଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମତପ୍ରକାଶ ପାଇଛି ।

PIB

## ପିଆଇବି-ମତବିନିମୟ କାର୍ଯ୍ୟକ୍ରମ

ଭୁବନେଶ୍ୱର ସ୍ଥିତ ପତ୍ରସୂଚନା କାର୍ଯ୍ୟାଳୟ-ପିଆଇବି ପରିସରରେ କେରଳମ୍, ରାଜସ୍ଥାନ ଏବଂ ପଞ୍ଜାବ ଆସିଥିବା ସମ୍ବାଦ ପ୍ରତିନିଧିଙ୍କ ସହ

ଏକ ମତବିନିମୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଅବସରରେ ପ୍ରତିନିଧିମାନେ  ପି.ଆଇ.ବି. ଏବଂ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ-ସି.ବି.ସି.ର ଅଧିକାରୀମାନଙ୍କ ସହ ଆଧୁନିକ ଗଣମାଧ୍ୟମ ପରିବେଶ ଏବଂ ସାମ୍ବାଦିକତାରେ ବଦଳୁ ଥିବା ବିଭିନ୍ନ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ପିଆଇବି ଏବଂ ସି.ବି.ସି. ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଯୋଗଦେଇ ଡିଜିଟାଲ ଯୁଗରେ ସାମ୍ବାଦିକତା କ୍ଷେତ୍ରରେ ହେଉଥିବା ଦ୍ରୁତ ପରିବର୍ତ୍ତନ ଏବଂ ଏହାର ଆହ୍ୱାନ ଗୁଡିକ ଉପରେ ଆଲୋଚନା କରିଥିଲେ ।

Desk/Nabarangapur/ Nuapada/ kataka

## ନୂଆଁଖାଇ

ପଶ୍ଚିମ ଓଡ଼ିଶାର କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ଆଜି ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରାଯାଉଛି । ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ନିକଟରେ ଆଜି ନିର୍ଦ୍ଧାରିତ ସମୟ ସକାଳ ୯ଟା ୪୦ରୁ ୯ଟା ୫୪ ମିନିଟ୍ ମଧ୍ୟରେ ନବାନ୍ନ ଲାଗି କରାଯାଇଛି।  ବର୍ଷର ପ୍ରଥମ ଅମଳ ଶସ୍ୟରୁ ପ୍ରସ୍ତୁତ ଭୋଗ ମାଆଙ୍କ ନିକଟରେ ଅର୍ପଣ କରାଯିବା ସହ ମନ୍ଦିର ପରିସରରେ ଥିବା ଅନ୍ୟ ପାର୍ଶ୍ୱ ଦେବଦେବୀଙ୍କ ନିକଟରେ ନବାନ୍ନ ଲାଗି ସଂପନ୍ନ ହୋଇଛି । ମାଆଙ୍କର ଆଶୀର୍ବାଦ ଲାଭ ପାଇଁ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କର ଭିଡ଼ ଲାଗି ରହିଛି । ମା' ସମଲେଶ୍ୱରୀଙ୍କ ନିକଟରେ ନବାନ୍ନ ଲାଗି ହେବା ପରେ ଘରେ ଘରେ ପରିବାର ସଦସ୍ୟମାନେ ଏକାଠି ବସି ନୂଆ ଖାଇବା ସହ ପରସ୍ପରକୁ ନୂଆଁଖାଇ ଜୁହାର ଭେଟ୍ ହୋଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଁଖାଇ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ମୋଦୀ ନୂଆଁଖାଇ ଅବସରରେ ସମାଜରେ ସଦ୍‌ଭାବନାର ବନ୍ଧନକୁ ସୁଦୃଢ କରିବା ସହ ଦେଶର ସମୃଦ୍ଧି କାମନା କରିଛନ୍ତି ।

ନୂଆପଡା ଜିଲ୍ଲାର ବିଭିନ୍ନ ସ୍ଥାନରେ ପବିତ୍ର ନୂଆଁଖାଇ ପର୍ବ ପାଳିତ ହୋଇଯାଇଛି । ଜିଲ୍ଲାର ଖଡିଆଳ ବ୍ଲକ ଅନ୍ତର୍ଗତ ନେହେନା ଗ୍ରାମଠାରେ ବୃହତ ଦଣ୍ଡସେନା ପରିବାରର ଏକ ହଜାରରୁ ଉର୍ଦ୍ଧ୍ୱ ସଦସ୍ୟ ଏକତ୍ର ନବାହ୍ନ ଖାଇ ପର୍ବ ପାଳନ କରିଛନ୍ତି ।

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ଚିତ୍ରକୋଟଠାରେ ନୂଆଁଖାଇ ପର୍ବ ପାଳିତ ହୋଇଯାଇଛି ।  ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉତ୍ସବରେ ଯୋଗଦେଇ ସମସ୍ତଙ୍କର ସୁଖ, ଶାନ୍ତି ଓ ସୁସ୍ଥ ଜୀବନ କାମନା କରିଥିଲେ ।

କଟକସ୍ଥିତ ଶାରଳା ଭବନ ପରିସରରେ ନୂଆଁଖାଇ ଭେଟ୍‌ଘାଟ୍  ପାଳିତ ହୋଇଯାଇଛି । ଏହି ଅବସରରେ ପାରମ୍ପାରିକ ରୀତିରେ ନବାହ୍ନ ଲାଗି କରାଯାଇଥିଲା ।

# ଡିଓଆରଡି ଓ ପେନସନ

ଗ୍ରାମୀଣ ବିକାଶ ବିଭାଗ-ଡି.ଓ.ଆର.ଡି ଓ 'ପେନସନ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ'-ପି.ଏଫ.ଆର.ଡି.ଏ. ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଗ୍ରାମୀଣ ପରିବାର ମଧ୍ୟରେ ସାମାଜିକ ସୁରକ୍ଷାକୁ ମଜଭୁତ କରିବା ପାଇଁ ଏହି ଚୁକ୍ତିନାମା ସ୍ୱାକ୍ଷର ହୋଇଥିବା ମନ୍ତ୍ରଣାଳୟ କହିଛି । ଏହି ଭାଗିଦାରୀ ଦ୍ୱାରା ଦୀନ ଦୟାଲ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ଗ୍ରାମୀଣ ଜୀବିକା ମିଶନର ଗୋଷ୍ଠୀ ବ୍ୟବସ୍ଥାଗତ ନେଟୱର୍କର ସୁବିଧା ଉପଯୋଗ କରି ସଖୀ ଏବଂ ଅନ୍ୟ ତାଲିମପ୍ରାପ୍ତ ଗୋଷ୍ଠୀ ସହାୟକ ବ୍ୟକ୍ତିବିଶେଷ ପେନସନ ସମ୍ବନ୍ଧୀୟ ସହାୟତା ଓ ପଞ୍ଜୀକରଣ ସମ୍ପର୍କରେ ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି କରିପାରିବେ ।

# ଦୂରଦର୍ଶନ-ଫାଉଣ୍ଡେସନ

ଦୂରଦର୍ଶନ ଆଜି ତା'ର ସଫଳ ଜୟଯାତ୍ରାର ସତଷଠି ବର୍ଷ ପୂରଣ କରିଛି । ୧୯୫୯ ମସିହା ସେପ୍ଟେମ୍ବର ମାସ ଆଜିର ଦିନରେ ଭାରତରେ ଦୂରଦର୍ଶନ ଜରିଆରେ  ପ୍ରସାରଣର ଯୁଗ ଆରମ୍ଭ ହୋଇଥିଲା । ପୂର୍ବତନ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ପ୍ରଥମ ପ୍ରସାରଣକୁ ଉଦ୍‌ଘାଟନ କରିଥିଲେ । ୧୯୭୫ ମସିହା ପର୍ଯ୍ୟନ୍ତ ଦୂରଦର୍ଶନ, ଅଲ୍ ଇଣ୍ଡିଆ ରେଡିଓର ଏକ ଅଂଶ ଭାବେ କାର୍ଯ୍ୟ କରୁଥିଲା । ୧୯୭୬ ମସିହା ଏପ୍ରିଲ୍ ୧ ତାରିଖରେ କେନ୍ଦ୍ର

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଏକ ସ୍ୱତନ୍ତ୍ର ଓ୍ୱିଙ୍ଗ୍ ଭାବେ ଦୂରଦର୍ଶନ କାର୍ଯ୍ୟ କରିବା ସହ ପରେ ପ୍ରସାର ଭାରତୀ ଅଧୀନକୁ ଆସିଥିଲା । ସଂଖ୍ୟାଧିକ ଷ୍ଟୁଡିଓ, ସାଟେଲାଇଟ୍ ଏବଂ ଡିଟିଏଚ୍ ସେବା ଜରିଆରେ ଦେଶର ଶତପ୍ରତିଶତ ଲୋକଙ୍କ ପାଖରେ ଦୂରଦର୍ଶନର ପ୍ରସାରଣ ସେବା ପହଞ୍ଚି ପାରିଛି ।

## ଗଣତନ୍ତ୍ର ଦିବସ

ଗଣତନ୍ତ୍ରର ମୂଲ୍ୟବୋଧ, ମାନବ ଅଧିକାର ଓ ନାଗରିକଙ୍କ ଅଂଶ ଗ୍ରହଣ ସଂପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନରେ ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ ପାଳନ କରାଯାଇଥାଏ । ଗଣତନ୍ତ୍ର ହେଉଛି ଏକ ସମୃଦ୍ଧ ଓ ସଶକ୍ତ ରାଷ୍ଟ୍ରର ମୂଳଦୁଆ । ଏହାର ମୂଲ୍ୟବୋଧକୁ ସୁଦୃଢ଼ କରିବା ସହ ଲୋକଙ୍କ ଅଧିକାର,ସମାନତା, ନ୍ୟାୟ ଓ କଲ୍ୟାଣକୁ ସୁନିଶ୍ଚିତ କରି ଏକ ବିକଶିତ ସମୃଦ୍ଧ ରାଷ୍ଟ୍ର ନିର୍ମାଣରେ ନାଗରିକମାନେ ନିଜର ଯୋଗଦାନ ରଖିବା ଆବଶ୍ୟକ । ଆଜିର ଦିନ ସମସ୍ତଙ୍କୁ ସ୍ମରଣ କରାଇଥାଏ, ଗଣତନ୍ତ୍ରର ସୁରକ୍ଷା କେବଳ ସରକାର କିମ୍ବା ରାଜନୈତିକ ବ୍ୟବସ୍ଥାର ଦାୟିତ୍ୱ ନୁହେଁ, ଏହା ପ୍ରତ୍ୟେକ ନାଗରିକଙ୍କ ସକ୍ରିୟ ଓ ଦାୟିତ୍ୱଶୀଳ ଅଂଶଗ୍ରହଣ ଦ୍ୱାରା ଅଧିକ ଶକ୍ତିଶାଳୀ ହୋଇଥାଏ ।

Desk

# ଡିଓଆରଡି ଓ ପେନସନ

ଗ୍ରାମୀଣ ବିକାଶ ବିଭାଗ-ଡି.ଓ.ଆର.ଡି ଓ 'ପେନସନ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ'-ପି.ଏଫ.ଆର.ଡି.ଏ. ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଗ୍ରାମୀଣ ପରିବାର ମଧ୍ୟରେ ସାମାଜିକ ସୁରକ୍ଷାକୁ ମଜଭୁତ କରିବା ପାଇଁ ଏହି ଚୁକ୍ତିନାମା ସ୍ୱାକ୍ଷର ହୋଇଥିବା ମନ୍ତ୍ରଣାଳୟ କହିଛି । ଏହି ଭାଗିଦାରୀ ଦ୍ୱାରା ଦୀନ ଦୟାଲ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ଗ୍ରାମୀଣ ଜୀବିକା ମିଶନର ଗୋଷ୍ଠୀ ବ୍ୟବସ୍ଥାଗତ ନେଟୱର୍କର ସୁବିଧା ଉପଯୋଗ କରି ସଖୀ ଏବଂ ଅନ୍ୟ ତାଲିମପ୍ରାପ୍ତ ଗୋଷ୍ଠୀ ସହାୟକ ବ୍ୟକ୍ତିବିଶେଷ ପେନସନ ସମ୍ବନ୍ଧୀୟ ସହାୟତା ଓ ପଞ୍ଜୀକରଣ ସମ୍ପର୍କରେ ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି କରିପାରିବେ ।

Puri/R

# ଅନ୍ଧ ହସ୍ତୀ ପ୍ରସ୍ତାବ ଲୀଳା ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ଅନ୍ଧ ହସ୍ତୀ ପ୍ରସ୍ତାବ ଲୀଳା ନୀତି ଅନୁଷ୍ଠିତ ହେବ । ସନ୍ଧ୍ୟା ଆଳତୀ ଶେଷ ହେବା ପରେ ଦକ୍ଷିଣୀ ଘରୁ ରାମକୃଷ୍ଣ ରତ୍ନ ସିଂହାସନକୁ ବିଜେ କରିବେ । ବିମାନବଡ଼ୁ ସେବକମାନେ ସିଂହଦ୍ୱାର ନିକଟରେ ଥିବା ବଡଛତା ମଠ ସମ୍ମୁଖରେ ଥିବା ଖଟ ଉପରେ ରାମକୃଷ୍ଣଙ୍କୁ

ବିଜେ କରାଇବେ । ସେଠାରେ ଅନ୍ଧହସ୍ତୀ ଲୀଳା ପ୍ରସ୍ତାବ ନୀତି ସମ୍ପନ୍ନ ହେବାପରେ ଶୀତଳଭୋଗ ମଣୋହୀ କରାଯିବ ।

Desk

## ସଚେତନତା ଅଭିଯାନ

ଏକକ ବ୍ୟବହୃତ ପ୍ଲାଷ୍ଟିକ ବନ୍ଦ ପାଇଁ ପୁରୀ ବେଳାଭୂମିରେ ଆଜି ଏକ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ମିଶନ ଲାଇଭ୍ ଅଧୀନରେ ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟକ, ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକଙ୍କୁ ଥରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକ ସମ୍ପର୍କରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମର ଅଂଶବିଶେଷ ଏକ ସଚେତନତା ରଥ ପରିକ୍ରମା କରିଥିଲା । ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ପ୍ରଶ୍ନୋତ୍ତର, ଚିତ୍ରାଙ୍କନ ଏବଂ ଅନ୍ୟାନ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।

ପୁରୀ ସମେତ ବାରିପଦା, କେନ୍ଦ୍ରାପଡା ଏବଂ କୋରାପୁଟ୍‌ରେ ମଧ୍ୟରେ ଏପରି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏଥିରେ ୨୫ଶହରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଭାଗ ନେଇଛନ୍ତି ।

Met

## ବର୍ଷା

ରାଜ୍ୟରେ ବର୍ଷାର ପରିମାଣ ହ୍ରାସ ପାଇଛି । ଉତ୍ତର-ପଶ୍ଚିମ ଓ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ, ପଶ୍ଚିମ, ଉତ୍ତର-ପଶ୍ଚିମ ଦିଗକୁ ଗତିକରି ସ୍ଥଳଭାଗ ସ୍ପର୍ଶ କରିଛି । ଏହାର ପ୍ରଭାବରେ ମୌସୁମୀ

ନିମ୍ନଚାପରେଖା ଓ ବଙ୍ଗୋପସାଗରରୁ ଆସୁଥିବା ଜଳୀୟ ବାଷ୍ପ ଯୋଗୁଁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ପ୍ରବଳ ବର୍ଷା ହେବା ନେଇ କେନ୍ଦୁଝର ଓ ମୟୂରଭଞ୍ଜ ସମେତ ୧୪ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ମନୋରମା ମହାନ୍ତି କହିଛନ୍ତି

**- V/O -**

ଅପରପକ୍ଷରେ ରାଜ୍ୟରୁ ଖୁବ୍‌ଶୀଘ୍ର ମୌସୁମୀ ଫେରିଯିବା ନେଇ ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି । ମୌସୁମୀ ବାୟୁର ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆସନ୍ତା ୪ ଦିନ ମଧ୍ୟରେ ଆରମ୍ଭ ହେବା ନେଇ ପାଗ ଅନୁକୂଳ ରହିଛି । ଗତ ୨୪ଘଣ୍ଟା ମଧ୍ୟରେ ପୁରୀ ଜିଲ୍ଲାର ନିମାପଡାରେ ସର୍ବାଧିକ ୬୨ ଦଶମିକ ୮ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି ।